# ବ୍ୟାଙ୍କ ସମୂହର ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟୀ ବୈଠକ ।

District level advisory Committe meeting of Banks.

## ସେପ୍‌ଟେମ୍ବର ୧ ତାରିଖରୁ ବ୍ୟାଙ୍କର ବ୍ୟବସାୟ କାରବାର ସକାଳ ୧୦ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଚାଲିବ ।

ଜିଲ୍ଲାରେ ଥିବା ବିଭିନ୍ନ ବ୍ୟାଙ୍କର କାର୍ଯ୍ୟକାରିତାକୁ ନେଇ ଗତମାସ ୩୧ ତାରିଖ (ଶନିବାର) ପୂର୍ବାହ୍ନରେ ଜିଲ୍ଲାପଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷ ଠାରେ ଏକ ଜିଲ୍ଲା ସ୍ତରୀୟ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭାରତୀୟ ବ୍ୟାଙ୍କ ମହାସଂଘ ( IBA)ର ପ୍ରସ୍ତାବ

କ୍ରମେ ସବୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ବ୍ୟବସାୟ କାରବାର ଚଳିତ ମାସ ୧ ତାରିଖରୁ ସକାଳ ୧୦ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଚାଲିବ । ଜିଲ୍ଲାର ସମସ୍ତ ଜାତୀୟକରଣ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଶାଖାଗୁଡିକ ପାଇଁ ଏହି ସମୟ ନିର୍ଦ୍ଧାରଣ କରାଗଲା । ଜିଲ୍ଲା ମିଶନଶକ୍ତି ତରଫରୁ ବ୍ୟାଂକ ଗୁଡିକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଂକ ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ଋଣ ପ୍ରଦାନର ଲକ୍ଷ୍ୟ ଧାର୍ଯ୍ୟ ସ୍ଥିର କରାଗଲା । ଏଥିପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ପାଉଥିବା ୩ଲକ୍ଷ ଟଂକା ଋଣ ରାଶି ଉପରେ ସୁଧ ଦେୟ ରାଜ୍ୟ ମିଶନଶକ୍ତି ବହନ କରିବ । ଏହି ଗୋଷ୍ଠୀମାନଂକୁ ଏପ୍ରିଲ ୧ ତାରିଖ ଠାରୁ ଉପଲବଧ ଋଣ ଉପରେ 0% ସୁଧ ହାରରେ ଋଣ ପ୍ରଦାନ କରାଯିବ । ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ଋଣ ପ୍ରଦାନରେ କୌଣସି ଦ୍ୱିଧା ପ୍ରକାଶ ନ କରିବାକୁ ଜିଲ୍ଲାପାଳ ବ୍ୟାଂକ ଗୁଡିକର କର୍ମକର୍ତାଂକୁ ପରାମର୍ଶ ଦେଇଛନ୍ତି । ଗରିବ ଓ ନିଃସହାୟ ଲୋକମାନଂକର ଅର୍ଥନୈତିକ ଉନ୍ନତି ପାଇଁ ବ୍ୟାଂକ ଗୁଡିକ କୃଷି,ବ୍ୟବସାୟ ଓ ଶିକ୍ଷା ଋଣ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ପ୍ରାରମ୍ଭରେ ଜିଲ୍ଲା ଅଗ୍ରଣୀ ବ୍ୟାଂକ ମ୍ୟାନେଜର ଶ୍ରୀ ମହେଶ୍ୱର ଗୌଡ ସମସ୍ତଂକୁ ସ୍ୱାଗତ ଜଣାଇବା ସହ ବ୍ୟାଂକ ଗୁଡିକର ବିଭିନ୍ନ କାର୍ଯ୍ୟକ୍ରମର ସଫଳତା ଉପରେ ଆଲୋକପାତ କରିଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ ଓ ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ବସନ୍ତ ମଲ୍ଲିକଂକ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବ୍ୟାଂକ ଗୁଡିକର ଶାଖା ପରିଚାଳକମାନେ ଯୋଗ ଦେଇଥିଲେ ।


SPECIAL DISTRICT CORRDINATION
COMMITTEE [DCC] MEETING
Date: 31st August 2019
Venue: DRDA Conference Hall, Angul
CONVENOR-LEAD DISTRICT OFFICE